# ବହିପତ୍ର

## କନକ ଉପତ୍ୟକାର କାହାଣୀ

**ଲେଖକ : ମନୋଜ ଦାସ**
**ପ୍ରକାଶକ : ଫ୍ରେଣ୍ଡସ ପବ୍ଲିଶର୍ସ, କଟକ**
**ମୂଲ୍ୟ : ତିରିଶ ଟଙ୍କା**

କନକ ଉପତ୍ୟକାର କାହାଣୀ ମନୋଜ ଦାସଙ୍କର ନୂତନ କିଶୋର ଉପନ୍ୟାସ । ଯାହା ଏବେ ଏବେ ପ୍ରକାଶ ପାଇଛି ଫ୍ରେଣ୍ଡସ୍ ପବ୍ଲିଶର୍ସଙ୍କ ସୌଜନ୍ୟରୁ । ଅତ୍ୟାଧୁନିକ ମୁଦ୍ରଣ ଶୈଳୀରେ ମୁଦ୍ରିତ ଓ ଚିତ୍ର ସଂଯୋଜିତ ହୋଇଥିଲେ ହେଁ, ଏହା ଯେ କେବଳ କିଶୋରମାନଙ୍କ ପାଇଁ ନୁହେଁ, ଏହା ସୁସ୍ପଷ୍ଟ । ଏହା ଯେ କୌଣସି ବୟସର ପାଠକଙ୍କ ପାଇଁ ଉଦ୍ଦିଷ୍ଟ ଏକ ସୁଖପାଠ୍ୟ ଉପନ୍ୟାସ । ଆଗରୁ ଏହା ଧାରାବାହିକ ଭାବରେ ପ୍ରକାଶ ପାଉଥିଲା ମାସିକ,ପତ୍ରିକା "ଜହ୍ନମାମୁଁ"ରେ ଏବଂ ଏହା ବେଶ୍ ଆଦୃତ ହୋଇଥିଲା । ଏବେ ତାହା ପୁସ୍ତକାକାରରେ । ଓଡ଼ିଶାର ସବୁଠୁ ପ୍ରଭାବଶାଳୀ ଗାଳ୍ପିକ ଭାବରେ ମନୋଜ ଦାସ ଆମ ଦେଶରେ ଓ ଦେଶ ବାହାରେ ବେଶ୍ ସ୍ୱୀକୃତ । "କନକ ଉପତ୍ୟକାର କାହାଣୀ" ଭାରତୀୟ କଥା ସାହିତ୍ୟର ପରମ୍ପରାରେ ରଚିତ ମନୋଜ ଦାସଙ୍କର ଆଉ ଏକ ଉଦାହରଣ ।

କନକ ଉପତ୍ୟକାର କାହାଣୀର ନାୟକ ରାଜୁ । ଏକ ଅତ୍ୟାଚାରୀ ଓ ପାଗଳପ୍ରାୟ ରାଜ୍ୟର ଶାସନାଧୀନ ରାଜ୍ୟର ବାସିନ୍ଦା । ରାଜ୍ୟ ସୀମାରେ ପରିଦୃଷ୍ଟ ହୁଏ ଏକ ସୁବର୍ଣ୍ଣ ପ୍ରତିମା । ଯାହା ବହୁବର୍ଷ ତଳେ ଜଣେ ଶିଳ୍ପୀ ରାଜାଙ୍କର ସୃଷ୍ଟି ଥିଲା । ସେତେବେଳେ ଅବଶ୍ୟ ରାଜ୍ୟଟି ଥିଲା ସୁଖମୟ । ସୁନା ପାହାଡ଼ର ଲୋଭରେ ଆତୁର ଦୁଷ୍ଟମନ୍ତ୍ରୀ ଓ ପଡ଼ୋଶୀ ରାଜା ସେ ରାଜ୍ୟକୁ ଛାରଖାର କରି ଦେଇଥିଲେ । ଏବେ ଅତିନିଷ୍ଠ ମଣ୍ଡଳୀର ସହାୟତାରେ ସୁଖ ଓ ସୁନାର ସନ୍ଧାନରେ ପାଗଳପ୍ରାୟ ରାଜାର ଶାସନ ଚାଲିଥିଲା । ରାଜୁର ବାପା ତାଙ୍କ ଦ୍ୱାରା କାରାଗାରକୁ ଯାଆନ୍ତି ଓ ମୃତ୍ୟୁବରଣ କରନ୍ତି । ରାଜୁ ଧରାପଡ଼େ ଖସିଯାଏ ଓ ରାଜ୍ୟ ସୀମାରେ ଦେଖେ ସୁବର୍ଣ୍ଣ ପ୍ରତିମା । ସୁବର୍ଣ୍ଣ ପ୍ରତିମାରେ ଜୀବନ୍ୟାସ ଦେବାକୁ ପଣ କରେ । ଏକ ଅଲୌକିକ ନିର୍ଦ୍ଦେଶରେ ତିନିମୁଲକ ଟପି ଦେବୀଙ୍କଠୁ ବର ମାଗିବାକୁ ଆଗେଇ ଯାଏ । ବାଟରେ ଅତିକ୍ରମ କରେ ବହୁ ବିଚିତ୍ର ରାଜ୍ୟ । ବିଚିତ୍ର ଶାସନ । ଭେଟ ହୁଅନ୍ତି ପରୀକଥାର ବିଚିତ୍ର ଚରିତ୍ରମାନେ । ଗୀତ ଗାଇ ପାରୁ ନ ଥିବା ରାଜକୁମାରୀ । ତରଭୁଜ ଖାଇ ବଞ୍ଚୁଥିବା ଏକ ଜନପଦ, ହସ ଶିଖି ନ ଥିବା ଜ୍ଞାନ ବିଜ୍ଞାନ ରାଜ୍ୟର ଲୋକେ, ଭୟଙ୍କର ସର୍ପଦାନବ ଏବଂ ଜଣେ ପରୋପକାରୀ ତପସ୍ୱୀ । ଅବଶେଷରେ ରାଜୁ ଭେଟ ପାଏ ଦେବୀଙ୍କର । ଦେବୀ ବରପ୍ରଦାନ କରନ୍ତି । ହସି ପାରନ୍ତି ଜ୍ଞାନ ବିଜ୍ଞାନ ରାଜ୍ୟର ଲୋକେ । ଗୀତ ଗାଇପାରନ୍ତି ରାଜକୁମାରୀ । ଜୀବନ୍ୟାସ ପାଏ ସୁବର୍ଣ୍ଣ ପ୍ରତିମା । ସୁନାର ଲୋଭରେ ଆତୁର ପାଗଳ ରାଜା ଓ ତାଁର ପାରିଷଦମାନଙ୍କର ମୃତ୍ୟୁ ହୁଏ । ରାଜୁ ଓ କନ୍ୟା ପରସ୍ପରକୁ ଅନାଇ ଆଶା ଓ ବିଶ୍ୱାସର ହସ ହସନ୍ତି ।

ସଂକ୍ଷେପରେ କାହାଣୀ ଏତିକି । ଯେ କୌଣସି ପରୀକାହାଣୀ ଭଳି । ମାତ୍ର ଏ କାହାଣୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟି ହେଲା ଉପସ୍ଥାପନା । ମନୋଜ ଦାସଙ୍କ ଭାଷା ଓ ଅନନ୍ୟ ବ୍ୟଙ୍ଗାତ୍ମକ ଶୈଳୀ ଉପନ୍ୟାସଟିକୁ ଯେମିତି ସୁଖପାଠ୍ୟ କରିଚି, ପ୍ରତି ପଦକ୍ଷେପରେ ଜୀବନର ଅସ୍ତିସୂଚକ ଦିଗ ନିର୍ଣ୍ଣୟ ପାଇଁ ଲେଖକଙ୍କ ପ୍ରୟାସ ସେତେ ହୃଦୟଗ୍ରାହୀ ହୋଇପାରିଚି । 'ସମୁଦ୍ରର କ୍ଷୁଧା'ରୁ "କନକ ଉପତ୍ୟକାର କାହାଣୀ" ବହୁତ ଦୂର । ପ୍ରଥମ ଗଳ୍ପ 'ସମୁଦ୍ରର କ୍ଷୁଧା'ର ଭାଷା ଓ ଉପସ୍ଥାପନା ଥିଲା ବାମପନ୍ଥୀ ଚେତନାର ଏବଂ ଫକୀରମୋହନୀୟ । କିନ୍ତୁ ଆଜି ସଫଳତାର ଚରମ ସୋପାନରେ ପହଞ୍ଚି ସାରିବା ପରେ ମନୋଜ ଦାସ ମନେ ହୁଅନ୍ତି ଆପଣା ଗଳ୍ପ ଧାରାରେ ଏକ ଏବଂ ଅନନ୍ୟ ଭଳି । ମହାଭାରତୀୟ କାହାଣୀ ପରମ୍ପରାର ନବତମ ସୁଯୋଗ୍ୟ ଉତ୍ତରାଧିକାରୀ ଭାବରେ ତାଙ୍କୁ ଆଧୁନିକ ବିଷ୍ଣୁଶର୍ମା ବୋଲି ଅଭିହିତ କରିବା ଅଧିକ ଯଥାର୍ଥ ହେବ । "ପ୍ରାପ୍ତବୟସ୍କର ପଞ୍ଚତନ୍ତ୍ର", ଲୁଲୁର୍ଭା ପର୍ବତର କାହାଣୀମାଳା ତଥା ନୂତନ ଅବଲୋକରା କାହାଣୀ ପ୍ରଭୃତି ଗଳ୍ପ ଭିତରେ ଯେଉଁ କାହାଣୀ ଧର୍ମୀତା ଏବଂ ଦାର୍ଶନିକ ଚେତନା ଆମେ ଆବିଷ୍କାର କରୁ ତା'ର ସର୍ବୋଚ୍ଚ ଫଳଶ୍ରୁତି ହେଉଛି "କନକ ଉପତ୍ୟକାର କାହାଣୀ ।"

. ତେବେ ନିକଟ ଅତୀତରେ ପ୍ରକାଶ ପାଇଥିବା ତିନୋଟି ଉପନ୍ୟାସରେ ଆମେ ଦେଖୁ ମନୋଜ ଦାସଙ୍କ କେଉଁ ଏକ ପୁରୁଣା ଗଳ୍ପର ଛାୟା । ଯେମିତି "ପ୍ରଭଞ୍ଜନ" ଉପନ୍ୟାସରେ ଥାଏ "ବାବା ଚକ୍ରଧାରୀ ବୃତ୍ତାନ୍ତ"ର ଛାପ, ସେମିତି "ବୁଲ୍‌ଡୋଜର୍ସ" ଉପନ୍ୟାସରେ ମିଳେ "ଜନୈକ ସମ୍ପାଦକଙ୍କୁ ପତ୍ର ଲେଖକର ସ୍ମୃତି ସଭାରେ ସଭାପତି ଅଭିଭାଷଣ" ଗଳ୍ପର ଅବିକଳ ଉପସ୍ଥାପନା । ସେହିପରି "କନକ ଉପତ୍ୟକାର କାହାଣୀ" ଉପନ୍ୟାସରେ ଲୁକ୍‌କାୟିତ ଭାବରେ ମିଳେ ଏକ ଚର୍ଚ୍ଚିତ ପୁରୁଣା ଗଳ୍ପ "କିମ୍ବଦନ୍ତୀର ଉପସଂହାର ।" ମନୋଜ ଦାସ ତାଙ୍କର ପୁରୁଣା ଗଳ୍ପମାନଙ୍କୁ କାହିଁକି ଏଇ ସବୁ ନୂତନ ଉପନ୍ୟାସରେ ପୁର୍ନବ୍ୟବହାର କରିଛନ୍ତି ତାହା ଜଣା ନାହିଁ ।

ସମ୍ଭବତଃ ମନୋଜ ଦାସଙ୍କ ସେଇ ସବୁ ପୁରୁଣା ଗଳ୍ପ ଭିତରେ ନିହିତ ଥିଲା ଏକ ଏକ ବୃହତ୍ତର କାହାଣୀ ବା ଉପନ୍ୟାସର ସମ୍ଭାବନା । ଯାହା ଏବେ ସାକାର ହୋଇ ଆସୁଛି ।

## ଦ୍ରୌପଦୀ

**ଗଳ୍ପ ସଂଗ୍ରହ**
**ଜ୍ୟୋତ୍ସ୍ନା ରାଉତରାୟ**
**ସନ୍ତୋଷ ପବ୍ଲିକେଶନ୍ସ**
**ସୁତାହାଟ, କଟକ**
**୧୯୯୩ ପ୍ରକାଶ କାଳ**
**ପୃ-୧୧୦**
**ମୂଲ୍ୟ-୩୦ ଟଙ୍କା**

ଗୋଟିଏ ସ୍ୱପ୍ନାତୁରା ମଧ୍ୟଯୁଗୀୟା